ଗ୍ରାମୀଣ କୃଷି ମୌସୁମୀ ସେବା

ଭାରତୀୟ ପାଣିପାଗ ବିଭାଗ

ଓଡ଼ିଶା କୃଷି ଏବଂ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର, ଓଡିଆ

କୃଷି ଉପଦେଶ ପ୍ରସାରିତ ସମାଚାର

ତାରିଖ : 03-10-2025

ଗଜପତି(ଓଡିଶା) - :2025-10-03 (ଆସନ୍ତା ପାଞ୍ଚଦିନର ୦୮.୩୦ ଭାରତୀୟ ମାନକ ସମୟ ପର୍ଯ୍ୟନ୍ତ)

ପାଣିପାଗ କାରକ	2025-10-04	2025-10-05	2025-10-06	2025-10-07	2025-10-08
ବର୍ଷା (ମିମି)	5.0	5.0	6.1	8.5	8.0
ସର୍ବାଧିକ ତାପମାତ୍ରା (°ସେଲସିୟସ)	27.9	29.2	29.2	28.8	28.0
ସର୍ବନିମ୍ନ ତାପମାତ୍ରା (°ସେଲସିୟସ)	22.1	22.7	22.6	22.4	22.1
ଆପେକ୍ଷିକ ଆର୍ଦ୍ରତା I (ପ୍ରତିଶତ)	97	97	97	97	96
ଆପେକ୍ଷିକ ଆର୍ଦ୍ରତା II (ପ୍ରତିଶତ)	79	74	72	74	73
ପବନର ବେଗ (କିମି ପ୍ରତି ଘଣ୍ଟା)	5	2	3	3	3
ପବନର ଦିଗ (ଡିଗ୍ରୀ)	238	252	238	277	310
ମେଘାଚ୍ଛନ (ଅକ୍ଟା)	6	5	6	7	6
ସତର୍କବାଣୀ	ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି |; ଶକ୍ତିଶାଳୀ ସତହୀୟ ପବନ	ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି |; ଶକ୍ତିଶାଳୀ ସତହୀୟ ପବନ	ବଜ୍ରପାତ ଏବଂ ବଜ୍ରପାତ, ସ୍କାଲ୍ ଇତ୍ୟାଦି |; ଶକ୍ତିଶାଳୀ ସତହୀୟ ପବନ	କୌଣସି ସତର୍କତା ନାହିଁ	କୌଣସି ସତର୍କତା ନାହିଁ

ପୂର୍ବାନୁମାନ ସାରାଂଶ:

ଭାରତ ପାଣିପାଗ ବିଭାଗରୁ ମିଳିଥିବା ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ଜିଲ୍ଲାରେ ମଙ୍ଗଳବାର ଦିନ ପର୍ଯ୍ୟନ୍ତ ହାଲୁକା ବର୍ଷା ହେବା ସହିତ ଆକାଶ ସାଧାରଣତଃ ମେଘୁଆ ରହିବାର ସମ୍ଭାବନା ରହିଛି । ଆସନ୍ତା ପାଞ୍ଚଦିନ ପର୍ଯ୍ୟନ୍ତ ପବନର ବେଗ ୦୨.୦ ରୁ ୦୫.୦ କିଲୋମିଟର ପ୍ରତି ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି । ଦୈନିକ ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୩.୦°ସେଲସିୟସ ରୁ ୩୫.୦°ସେଲସିୟସ ଏବଂ ୨୪.୦°ସେଲସିୟସ ରୁ ୨୬.୦°ସେଲସିୟସ ମଧ୍ୟରେ ରହିବାର ସମ୍ଭାବନା ରହିଛି । ସକାଳେ ଏବଂ ଅପରାହ୍ନରେ ଆପେକ୍ଷିକ ଆର୍ଦ୍ରତା ଯଥାକ୍ରମେ ୯୬ ରୁ ୯୭ ଶତକଡା ଏବଂ ୭୨ ରୁ ୭୯ ଶତକଡା ମଧ୍ୟରେ ରହିପାରେ ।

ଆବହାବିକ ସତର୍କତା (ପରବର୍ତ୍ତୀ ଦିନ 08:30 IST ଯାଁଚାଯିବାକୁ):

ହଳଦିଆ ଚେତାବନୀ (ସତର୍କ ରୁହନ୍ତୁ): - ବିଜୁଳି ଓ ଘଡଘଡି ବର୍ଷା ସହିତ ଝଟକା ପବନ ବହିବାର ସମ୍ଭାବନା ରହିଛି ।

ଆବହାୱିକ ସତର୍କତାର କୃଷି ଉପରେ ସମ୍ଭାବ୍ୟ ପ୍ରଭାବ ଓ ସଂଶ୍ଳିଷ୍ଟ ଏଗ୍ରୋମେଟ ପରାମର୍ଶ:

□ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା

ସାଧାରଣ ଉପଦେଶ:

ଗଜପତି ଜିଲ୍ଲାରେ ଗତସପ୍ତାହରେ ହାରାହାରି ସର୍ବାଧିକ ଦୈନିକ ତାପମାତ୍ରା ୩୩.୪° ସେଲସିୟସ ଏବଂ ହାରାହାରି ସର୍ବନିମ୍ନ ଦୈନିକ ତାପମାତ୍ରା ୨୩.୭° ସେଲସିୟସ ଥିଲା । ଗତସପ୍ତାହରେ ଜିଲ୍ଲାରେ ୧୯୮.୭ ମିଲିମିଟର ବର୍ଷା ହୋଇଅଛି । ଧାନ ଫସଲରେ ଗଣ୍ଡି ଛାଡିବା ବା ଗର୍ଭସଂଚାର ଆରମ୍ଭ ହେବା ଅବସ୍ଥାରେ ୫ ରୁ ୧୦ ସେମି ଠିଆ ପାଣି ରଖନ୍ତୁ । ବିଲରୁ ଅନାବନା ଘାସ ବାଛି ଦିଅନ୍ତୁ । ବାଇଗଣ ଏବଂ ଭେଣ୍ଡି ଫସଲରେ ଫଳ ଏବଂ କାଣ୍ଡବିନ୍ଧା ପୋକର ପରିଚାଳନା ପାଇଁ ଇମାମେକଟୀନ ବେଞ୍ଜୋଏଟ @ ୬୦ ଗ୍ରାମ ଏକର କିମ୍ବା ସ୍ପିନୋସାଡ (Spinosad) @ ୭୦ ଗ୍ରାମ ଏକର ପ୍ରୟୋଗ କରନ୍ତୁ । କାକୁଡି ଓ କଲରା ଫସଲରେ କାଙ୍କେଡିଆ ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ପ୍ରତି ଲିଟର ପାଣିରେ ୩ ମିଲି ନିମ୍ବଜାତୀୟ କୀଟନାଶକ ୧୫୦୦ପିପିଏମକୁ ମିଶାଇ ସିଞ୍ଚନ କରନ୍ତୁ ।

ମୋବାଇଲ ରେ ପଠାଯାଉଥିବା ସଂକ୍ଷିପ୍ତ ଉପଦେଶ:

ପନିପରିବା ଚାଷରେ ଶୋଷକ କୀଟ, ଫଳମାଛି ଏବଂ ଫଳ ଓ କାଣ୍ଡବିନ୍ଧା ପୋକର ପରିଚାଳନା ନିମନ୍ତେ ଚାଷୀଭାଇମାନେ ଏକରପିଛା ୮ଟି ଫେରୋମୋନ ଯନ୍ତା ଲଗାନ୍ତୁ ।

ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ:

ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି)	ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ
ଜେନେରାଲ ଡବିସିଏ	ଧାନ ଓ ଅଣଧାନ ଫସଲ ଜମିରୁ ଅତ୍ୟଧିକ ଜଳ ନିଷ୍କାସନ କରନ୍ତୁ ଏବଂ ନାଳୀ ମୁହଁକୁ ଖୋଲା ରଖନ୍ତୁ । କୀଟନାଶକ ଔଷଧ ଓ ସାର ପ୍ରୟୋଗ ସାମୟିକ ବନ୍ଦ ରଖନ୍ତୁ । ଟମାଟୋ, ଲଙ୍କା ଓ ବାଇଗଣ ଆଦି ଚାରାକୁ ପଲିଥିନ୍ ଜରି କିମ୍ବା ପ୍ଲାଷ୍ଟିକ ଦ୍ୱାରା ଆଚ୍ଛାଦନ କରିରଖନ୍ତୁ, ଯେପରିକି ଏହା ବର୍ଷାଦ୍ୱାରା କ୍ଷୟକ୍ଷତି ହେବ ନାହିଁ । ବର୍ଷା ପରେ ପତ୍ରରେ କାଦୁଅ ଲାଗିଥିଲେ ପତ୍ରକୁ ଜଳ ସିଞ୍ଚନ କରି ଧୋଇ ଦିଅନ୍ତୁ ଏବଂ ଗଛର ହଳଦିଆ ପତ୍ରକୁ ଛିଣ୍ଡାଇ ଦିଅନ୍ତୁ ।
ଜେନେରାଲ ଡବିସିଏ	ଦକ୍ଷିଣ ଓଡିଶାରେ ସୃଷ୍ଟ ଅବପାତର ପ୍ରଭାବରେ ଜିଲ୍ଲାରେ ପ୍ରବଳରୁ ରୁ ଅତ୍ୟନ୍ତ ପ୍ରବଳ ଧରଣର ବର୍ଷା ହୋଇଛି । ବର୍ଷା ଯୋଗୁଁ ଅନେକ ମଧ୍ୟମ ଓ ଖାଲ ଜମି ଜଳମଗ୍ନ ହୋଇଅଛି । ବର୍ଷା ଯୋଗୁଁ ଧାନ ଜମିରେ ପାଣି ଜମି ରହି ଧାନ ଗଛଗୁଡିକ ବୁଡି ରହୁଥିଲେ ପ୍ରଥମେ ଜଳ ନିଷ୍କାସନର ବ୍ୟବସ୍ଥା କରନ୍ତୁ । ବର୍ଷା ପରେ ରୁଆ ଓ ବୁଣାଧାନରେ ପାଣି ଜମି ରହି ଲୌହ ବିଷାକ୍ତତା ପରିସ୍ଥିତି ସୃଷ୍ଟି ହୋଇପାରେ । ଏହାଦ୍ୱାରା ଧାନ ଗଛ ପିଲ କମ ହୁଏ ଓ ଚେର ନଷ୍ଟ ହୋଇ ପତ୍ର ହଳଦିଆ ପଡିଯାଏ ଓ ଭଲଭାବରେ ବଢିପାରେ ନାହିଁ । ଏପରି ସ୍ଥଳେ ଜମିରୁ ଜଳନିଷ୍କାସନ ବ୍ୟବସ୍ଥା କରି ଏକର ପ୍ରତି ୧୦-କିଲୋଗ୍ରାମ ମ୍ୟୁରେଟ ଅଫ ପଟାସ ସାର ସହିତ ୧୦- କିଲୋଗ୍ରାମ ଜିଙ୍କ ସଲଫେଟ ୨୧ ଶତକଡା ଅଣୁସାର ପ୍ରୟୋଗ କରନ୍ତୁ । ବର୍ଷା ଯୋଗୁଁ ଲତାଜାତୀୟ ପନିପରିବା ଫସଲର ରଞ୍ଜା ବା ଟ୍ରେଲି ପଡିଯାଇଥିଲେ ସଳଖ କରିଦିଅନ୍ତୁ ।
ଜେନେରାଲ ଡବିସିଏ	ପନିପରିବା ତଳିରେ ମୂଳପଚା ରୋଗ ଲାଗିବାର ସମ୍ଭାବନା ରହିଛି ତେଣୁ ପ୍ରତିଲିଟର ପାଣିରେ ୨ଗ୍ରାମ Captan କିମ୍ବା ୨.୫ଗ୍ରାମ Copper Oxychloride ମିଶାଇ ମାଟିକୁ ଭଲଭାବରେ ଭିଜାନ୍ତୁ ।
ଜେନେରାଲ ଡବିସିଏ	ବର୍ଷାପରେ ପନିପରିବା ଫସଲରେ ଝାଉଁଳା ଓ ମୂଳସଢା ଦେଖାଦେବାର ସମ୍ଭାବନା ଅଛି ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ଲିଟର ପାଣିରେ ୨୦ଗ୍ରାମ Metalaxyl + Mancozeb ଓ ୧.୫ଗ୍ରାମ Streptocyclineକୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ ।
ପ୍ଲାଣ୍ଟ ପ୍ରୋଟେକ୍ସ	ସାହେବୀ ରୋଗର ବାହକ ଗୁଡିକର ପରିଚାଳନା ପାଇଁ ମଞ୍ଜି ଗଜା ହେବାର ୧୦-୧୨ଦିନ ପରେ ଏକର ପ୍ରତି ୮-୧୦ଟି ହଳଦିଆ ଅଠାଯୁକ୍ତ ଯନ୍ତା ବସାନ୍ତୁ । ପୋକ ଆକ୍ରମଣ ଅଧିକ ହେଲେ ଏକର ପ୍ରତି ୪୦ଗ୍ରାମ Thiamethoxam ନାମକ

ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି)	ଅନ୍ୟ (ମୃତ୍ତିକା / ଜମି ପ୍ରସ୍ତୁତି) ନିର୍ଦ୍ଦିଷ୍ଟ/ବିଶେଷ ଉପଦେଶ
ନ	କୀଟନାଶକ କିମ୍ବା ୫୦ଗ୍ରାମ Acetamiprid ନାମକ କୀଟନାଶକ ୨୦୦ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

ଆବହାବିକ ସତର୍କତାର ସମ୍ଭାବ୍ୟ ପ୍ରଭାବ (ସାଧାରଣ):

□ ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା □ ପନିପରିବା ତଳି ଘେରା ନଷ୍ଟ ହେବ □ ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା □ ବିଲ ଓ ଫସଲରେ ପାଣି ଜମିବା

ପ୍ରଭାବ ଆଧାରିତ ପରାମର୍ଶ (ସାଧାରଣ):

୧. ପନିପରିବା ଫସଲ ନଷ୍ଟ ହେବ ଓ ପରିପକ୍ୱ ଅମଳ ନଷ୍ଟ ହେବ ଓ ସଢିବା • ପନିପରିବା ର ବୁଢା/ହଳଦିଆ ହୋଇଯାଇଥିବା ତଳ ପତ୍ର ଗୁଡିକୁ ଛିଣ୍ଡାଇ ନଷ୍ଟ କରି ଦିଅନ୍ତୁ । • ପନିପରିବା ଫସଲରେ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ । • ଡଙ୍କ ଜାତୀୟ ପନିପରିବା ଯେପରି ଜହ୍ନି, କଲରା ଇତ୍ୟାଦି ଗୁଡିକ ରେ ରଞ୍ଜା ପୋତି ଭଲ ଭାବରେ ଉଠେଇ ଦିଅନ୍ତୁ । • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । • ଝାଉଁଳା ଓ ମୂଳସଢା ରୋଗ ଦେଖାଦେଲେ ତେଣୁ ବର୍ଷା ଛାଡିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ ମେଟଲାଗଜିଲ ଓ ମାଙ୍କୋଜେବ ର ମିଳିତ ମିଶ୍ରଣ ଓ ୧.୫ ଗ୍ରାମ ଷ୍ଟ୍ରେପ୍ଟୋସାଇକ୍ଲିନ କୁ ମିଶାଇ ଏହି ଦ୍ରବଣକୁ ଫସଲର ମୂଳକୁ ଭିଜାନ୍ତୁ । ୨. ପନିପରିବା ତଳି ଘେରା ନଷ୍ଟ ହେବ • ପନିପରିବା ଫସଲର ତଳିଘରା ଏବଂ ଜମିରେ ଲାଗିଥିବା ଫସଲକୁ ବର୍ଷା ଦାଉରୁ ରକ୍ଷା କରିବା ପାଇଁ ଧଳା ପଲିଥିନ ସାହାଯ୍ୟରେ ଘୋଡାଇ ରଖନ୍ତୁ । ୩. ଫଳ ଜାତୀୟ ଗଛ ନଷ୍ଟ ହେବା, ଫଳ ଝଡିବା • ନୂଆ ଫଳ ହୋଇଥିବା ଗଛ ଗୁଡିକୁ ଢେରା/ଭରା ଦିଅନ୍ତୁ । • ଯଥାଶୀଘ୍ର ପାଚିଲା ଫଳ ଅମଳ କରନ୍ତୁ ଏବଂ ବଜାରରେ ବିକ୍ରୟ କରନ୍ତୁ । ୪ . ବୁଣା ବୁଣି, ସିଞ୍ଚନ ଓ ଫସଲରେ ପାଣି ମଡାଇବା ସାମୟିକ ଭାବରେ ସ୍ଥଗିତ ରଖନ୍ତୁ ।

Farmers are advised to download Unified �Mausam� and "Meghdoot" android application on mobile for Weather forecast and weather based Agromet Advisories and "Damini" android application for forecast of Thunderstorm and lightening.

Mausam MobileApp link: https://play.google.com/store/apps/details/

Meghdoot MobileApp link: https://play.google.com/store/apps/details

Damini MobileApp link : https://play.google.com/store/apps/details